# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 April – 2025**

---

## ରେଳମନ୍ତ୍ରୀ

ପୁରୀରୁ କୋଣାର୍କ ମଧ୍ୟରେ ନୂତନ ରେଳପଥ ସଂଯୋଗ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ପୁରୀ ରେଳ ଷ୍ଟେସନରେ ପୁନଃ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଏହି ରେଳ ଷ୍ଟେସନରୁ ଖୁବ୍‌ଶୀଘ୍ର ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସେବା ଯୋଗାଇ ଦିଆଯିବ । ଆସନ୍ତ ୧୨ରୁ ୧୬ ମାସ ମଧ୍ୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହେବ ।

**V/O**

---

## ସାଂସଦ ବିଧାୟକ ପ୍ରଶିକ୍ଷଣ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଆଜି ପୁରୀଠାରେ ସାଂସଦ ଓ ବିଧାୟକଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିବେ । ତୃଣମୂଳସ୍ତରରେ ବିଧାୟକମାନେ ଜନସାଧାରଣଙ୍କ ନିକଟରେ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ପହଞ୍ଚାଇବା ସଂପର୍କରେ ପ୍ରଶିକ୍ଷଣ ଦିଆଯିବ । ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ପ୍ରଭାରୀ ବିଜୟପାଲ ସିଂ ତୋମାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାଗ ନେବେ ।

## ସ୍ୱାସ୍ଥ୍ୟମନ୍ତ୍ରୀ-ଏମ୍ସ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭୁବନେଶ୍ୱରସ୍ଥିତ ଏମ୍ସ୍ ପରିଦର୍ଶନ କରି କେନ୍ଦ୍ରୀୟ ଗବେଷଣା ପ୍ରୟୋଗଶାଳାର ଉଦ୍‌ଘାଟନ କରିବେ । ଏଥିସହିତ ବହୁମୁଖୀ(ଗ୍ୟାଷ୍ଟ୍ରୋନୋମୀ) ବ୍ଲକର ଭିତି ପ୍ରସ୍ତର ସ୍ଥାପନ କରିବା ସହ ଏମ୍ସ ଭୁବନେଶ୍ୱର ନୂତନ ୱେବ୍‌ସାଇଟ୍‌ର ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି । ଏହା ବ୍ୟତୀତ ଶ୍ରୀ ନଡ୍ଡା ଇଏଚ୍‌ଏସ୍ କ୍ଲିନିକ୍ ଏବଂ ଅମୃତ ଫାର୍ମାସିକୁ ମଧ୍ୟ ଉଦ୍‌ଘାଟନ କରିବେ ।

## ସିପେଟ୍ ପରିଦର୍ଶନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଗତକାଲି ଭୁବନେଶ୍ୱରସ୍ଥିତ ସିପେଟ୍ ପରିଦର୍ଶନ କରିଛନ୍ତି । ଓଡ଼ିଶାରେ ସିପେଟ୍ ର ଅଧିକ କେନ୍ଦ୍ର ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ପେଟ୍ରୋ କେମିକାଲ୍ ଶିଳ୍ପ କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହୋଇଛି ଏବଂ ଏଥିପାଇଁ ଅଧିକ କର୍ମଚାରୀଙ୍କ ଆବଶ୍ୟକତା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । କେନ୍ଦୁଝର, ଝାରସୁଗୁଡ଼ା, କଳିଙ୍ଗନଗର, ଗୋପାଳପୁର, ଅନୁଗୁଳ ଏବଂ ରାୟଗଡ଼ାରେ ତାଲିମକେନ୍ଦ୍ର

ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି ।

## ଉପନିର୍ବାଚନ

ରାଜ୍ୟରେ ପଞ୍ଚାୟତ ସ୍ତରରେ ଖାଲିପଡ଼ିଥିବା ୧ ହଜାର ୧୩୪ଟି ପଦ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଛି । ୫ଟି ଜିଲ୍ଲାପରିଷଦ ସଭ୍ୟ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ଟି ସରପଞ୍ଚ, ୨୭୨ଟି ଓ୍ୱାର୍ଡମେମ୍ବର ପଦ ପାଇଁ ଉପନିର୍ବାଚନ ହେବ । ୭୭୧ଟି ଓ୍ୱାର୍ଡରେ ନୂତନ ଭାବେ ନିର୍ବାଚନ ଅନୁଷ୍ଠିତ ହେବ । ୨୪ ତାରିଖରେ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ଓ୍ୱାର୍ଡଓ୍ୱାରୀ ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇବ ଏବଂ ଆସନ୍ତା ୩୦ ତାରିଖ ସୁଦ୍ଧା ଅଭିଯୋଗ ଗ୍ରହଣ କରାଯିବ । ମଇମାସ ୨ରୁ ୫ ତାରିଖ ମଧ୍ୟରେ ଅଭିଯୋଗ ଗୁଡ଼ିକ ବିଚାରକୁ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ । ନିର୍ବାଚନ ଅଧିକାରୀମାନେ ମଇ ୭ ତାରିଖ ଦିନ ସଂଶୋଧିତ ଭୋଟର ତାଲିକା ରାଜ୍ୟ ନିର୍ବାଚନ ଆୟୋଗକୁ ପ୍ରଦାନ କରିବେ ।

## ପୁରସ୍କାର

ରାଜ୍ୟ ପୂର୍ତ୍ତ ବିଭାଗକୁ ସମ୍ମାନଜନକ ବିଶ୍ୱକର୍ମା ପୁରସ୍କାର ୨୦୨୫ ମିଳିଛି । ନୂଆଦିଲ୍ଲୀର ଡକ୍ଟର ବି.ଆର୍. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର୍ ବିକ୍ରମ ଯାଦବ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପୁରସ୍କାର ଲାଭ

କରିଥିବା କୋଠାଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଓୟୁଏଟିର କୃଷକ ବୈଷୟିକ ପ୍ରଦର୍ଶନ କେନ୍ଦ୍ର, ପୁରୀର ହବିଷ୍ୟାଳୀ ଭବନ, ବରଗଡ଼ର କର୍କଟ ହସ୍ପିଟାଲ, ପାଣିକୋଇଲିସ୍ଥିତ ଟ୍ରମା କେୟାର ହସ୍ପିଟାଲ ସ୍ଥାନ ପାଇଛି ।

## ମନ୍ତ୍ରୀ-ପଟ୍ଟା ବଣ୍ଟନ

ଭଦ୍ରକଜିଲ୍ଲା ଚିଙ୍ଗୁଡ଼ିପୁରଠାରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ନୂତନ ରାଜସ୍ୱ ଗ୍ରାମ କାର୍ଯ୍ୟକ୍ଷମ ହେବା ଅବସରରେ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରିଛନ୍ତି । କୌଣସି ଗ୍ରାମବାସୀ ଯେଭଳି ପଟ୍ଟା ପାଇବାରୁ ବଂଚିତ ହେବେ ନାହିଁ, ଏନେଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଉଠାଜଳସେଚନ ପ୍ରକଳ୍ପ

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଉଠାଜଳସେଚନ ପ୍ରକଳ୍ପ ଗୁଡ଼ିକର ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ସ୍ଥିତି ଅନୁଧ୍ୟାନ ଓ ଜଳର ସୁପରିଚାଳନା କରିବା ପାଇଁ ଏକ ବୈଠକ ହୋଇଯାଇଛି । ସେନ୍‌ସର ଭିତ୍ତିକ ଆଇଓଟି ଉପକରଣ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଥିବା ବୈଠକରୁ ସୂଚନା ମିଳିଛି । ପ୍ରଥମ ପର୍ଯ୍ୟାୟରେ ୩୭ ହଜାର ଉଠାଜଳସେଚନ ପ୍ରକଳ୍ପକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବାକୁ ସ୍ଥିର ହୋଇଛି ।

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ-୨୦୨୫ ପାଳନର ଦ୍ୱାଦଶ ଦିନରେ ଆଜି ବନ୍ଦନୀୟ ବରପୁତ୍ରମାନଙ୍କୁ ସ୍ମରଣ କରି କାର୍ଯକ୍ରମମାନ ଅୟୋଜନ କରାଯାଉଛି । ପୁଣ୍ୟ ଏହି ମାଟିରେ ଯଶସ୍ୱୀ ସନ୍ତାନ ଦେଶ କରେ ଆଜି ତାଙ୍କର ଜୟଗାନର ବାର୍ତ୍ତା ନେଇ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଛି ।

## ଚଡ଼କ ମେଳା

ବାଲେଶ୍ୱର ଜିଲ୍ଲାର ଚନ୍ଦନେଶ୍ୱର ମହାପ୍ରଭୁଙ୍କ ଚଡ଼କ ମେଳାର ଆଜି ନୀଳପର୍ବ ଅନୁଷ୍ଠିତ ହେଉଛି । ଜିଲ୍ଲା ତଥା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ମାନସିକଧାରୀମାନେ ଉପବୀତ ଧାରଣ କରି ଉପବାସ ରହି ଚନ୍ଦନେଶ୍ୱରଙ୍କୁ ପୂଜା କରିଥାନ୍ତି । ଆଜି ସନ୍ଧ୍ୟାରେ ମନ୍ଦିରର ନୀଳପୋଖରୀରେ ଥୁମ୍ବୀକାଠ ବାହାରି ମନ୍ଦିର ପରିକ୍ରମା କରିବା ପରେ ଅର୍ଘ୍ୟଜଳ ବଣ୍ଟନ କରାଯିବ । ଆସନ୍ତାକାଲି ପାଟପର୍ବ ପରେ ଚଡ଼କ ମେଳା ଉଦ୍‌ଯାପିତ ହେବ ।

## ପାଣିପାଗ

ରାଜ୍ୟର ୨୦ଟି ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ

ମାଲକାଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ବଜ୍ରପାତ ନେଇ ସତର୍କ ସୂଚନା ଜାରି କରାଯାଇଛି ।

.....................................................................................